1960
---
ନଭେମ୍ବର, 17

ଆୟକର ଆୟୁକ୍ତ, ବମ୍ବେ ସିଟି, ବମ୍ବେ

ବନାମ

ବିପିନ୍‌ଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍,

ବମ୍ବେ

ଏସ୍. କେ. ଦାସ, ଏମ୍. ହିଦାୟତୁଲ୍ଲା ଏବଂ ଜେ.ସି. ଶାହ, ନ୍ୟାୟମୂର୍ତ୍ତିଗଣ

*ଆୟକର- ଲାଭ ଏବଂ କରଯୋଗ୍ୟ ଆୟ- ମଧ୍ୟରେ ପାର୍ଥକ୍ୟ- ଲାଭର ସ୍ୱଚ୍ଛତା -କିପରି ନିର୍ଦ୍ଧାରିତ ହୁଏ- ଭାରତୀୟ ଆୟକର ଅଧିନିୟମ, 1922 (1922 ର 11), ଧାରା 10 (2) (vii) ଦ୍ୱିତୀୟ ପ୍ରାବଧାନ, 66(1) ।*

ପ୍ରତିବାଦୀ କମ୍ପାନୀ କିଛି ଯନ୍ତ୍ରପାତି 89, 000 ଟଙ୍କାରେ କିଣିଥିଲା ଏବଂ ଏହାକୁ ସେହି ସମ ମୂଲ୍ୟରେ ବିକ୍ରି କରିଥିଲା, କିନ୍ତୁ ହିସାବ ବହିରେ ଯନ୍ତ୍ରପାତିର ଲିଖିତ ମୂଲ୍ୟ ହିସାବ ବର୍ଷରେ 73, 392 ଟଙ୍କା ଦର୍ଶାଯାଇଥିଲା । କମ୍ପାନୀର କରଯୋଗ୍ୟ ଆୟ ଗଣନା କରିବାବେଳେ ଆୟକର ଅଧିକାରୀ କମ୍ପାନୀର ଲାଭ ସହିତ ପ୍ରକୃତ ମୂଲ୍ୟ ଏବଂ ଲିଖିତ ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ, ଅର୍ଥାତ୍ 15, 608, ଟଙ୍କା, ଯୋଡ଼ିଲେ । ଆୟକର ଅଧିକାରୀ ମଧ୍ୟ ଆୟକର ଅଧିନିୟମର ଧାରା 23A ଅଧୀନରେ ଏକ ଆଦେଶ ପାରିତ କରିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ କରଯୋଗ୍ୟ ଆୟର ଅବିତରିତ ଅଂଶ ଅଂଶୀଦାରମାନଙ୍କ ମଧ୍ୟରେ ଲାଭାଂଶ ଭାବରେ ବଣ୍ଟନ କରାଯାଇଛି ବୋଲି ବିବେଚନା କରାଯିବ । ଆୟକର ଅଧିକାରୀଙ୍କ ଆଦେଶ ବିରୁଦ୍ଧରେ କରାଯାଇଥିବା ଆବେଦନଗୁଡ଼ିକ ଅସଫଳ ପ୍ରମାଣିତ ହେଲେ ଏବଂ ଆବେଦନ ନ୍ୟାୟାଧିକରଣ ନିମ୍ନୋକ୍ତ ପ୍ରଶ୍ନକୁ ଧାରା 66(1) ଅଧୀନରେ ଉଚ୍ଚ ନ୍ୟାୟାଳୟକୁ ପଠାଇଥିଲେ:—

"କରଦାତା କମ୍ପାନୀ ଦ୍ୱାରା ଘୋଷିତ ଲାଭାଂଶଠାରୁ ଅଧିକ ଲାଭାଂଶ ପ୍ରଦାନ ଅଯୌକ୍ତିକ ହେବ କି ନାହିଁ ତାହା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ କରଦାତା କମ୍ପାନୀର "ଲାଭ" ରେ 15,608 ଟଙ୍କାର ରାଶିକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ଥିଲା କି ନାହିଁ ।"

ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନର ଉତ୍ତର ନକାରାତ୍ମକ ରୂପେ ଦେଇଥିଲେ । ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ ଉପରେ,

*କୁହାଗଲା*, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସଠିକ ଥିଲା ।

ଧାରା 2(6C) ସହିତ ପଠିତ ଧାରା 10(2)(vii) ର ଦ୍ୱିତୀୟ ପ୍ରାବଧାନର ପରିକଳ୍ପନାରେ ଯାହା ପ୍ରକୃତରେ ଆୟ ନୁହେଁ, ତାହା କରଯୋଗ୍ୟ ଆୟର ଗଣନା ଉଦ୍ଦେଶ୍ୟ ନିମିତ୍ତ, କରଯୋଗ୍ୟ ଆୟ ଅଟେ: କିନ୍ତୁ ଏହି କାରଣରୁ, ଏହା ବାଣିଜ୍ୟିକ ଲାଭରେ ପରିଣତ ହୁଏ ନାହିଁ, ଏବଂ ଯଦି ଏହା ବାଣିଜ୍ୟିକ ଲାଭ ନୁହେଁ, ତେବେ ମୂଲ୍ୟ

ନିର୍ଦ୍ଧାରଣ କରିବା ସମୟରେ ଲାଭର ସ୍ୱଚ୍ଛତା ଦୃଷ୍ଟିରୁ ଏକ ବଡ଼ ଲାଭାଂଶ ଅଯୌକ୍ତିକ ହେବ କି ନାହିଁ, ଏହା ବିଚାରକୁ ନିଆଯିବା ଉଚିତ ନୁହେଁ ।

*1960*

*ଆୟକର ଆୟୁକ୍ତ,ବମ୍ବେ ସିଟି, ବମ୍ବେ ବନାମ ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ଼, ବମ୍ବେ*

"ଲାଭର ସ୍ୱଚ୍ଛତା"କୁ "କରଯୋଗ୍ୟ ଆୟର ସ୍ୱଚ୍ଛତା" ସହିତ ତୁଳନା କରାଯିବା ଉଚିତ ନୁହେଁ, ବରଂ ଏହା ବ୍ୟବସାୟିକ ନୀତି ଅନୁସାରେ ନିର୍ଦ୍ଧାରିତ ହେବା ଉଚିତ ।

*ସାର୍ କସ୍ତୁରଚାନ୍ଦ ଲିମିଟେଡ୍* ବନାମ *ଆୟକର ଆୟୁକ୍ତ ବମ୍ବେ ସିଟି,* (1949) XVII ଆଇ.ଟି.ଆର. *493, ଏଜ୍ରା ପ୍ରୋପ୍ରାଇଟାରୀ ଇଷ୍ଟେଟ୍ ଲିମିଟେଡ଼* ବନାମ *ଆୟକର ଆୟୁକ୍ତ ପଶ୍ଚିମବଙ୍ଗ,* (1950) XVIII ଆଇ.ଟି.ଆର. 762 ଏବଂ *ଆୟକର ଆୟୁକ୍ତ ବମ୍ବେ ସିଟି* ବନାମ *ଏଫ.ଏଲ. ସ୍ମିଥ୍ ଆଣ୍ଡ କୋ. (ବମ୍ବେ) ଲିମିଟେଡ଼,* (1959) XXXV ଆଇ.ଟି.ଆର. 183, ଉଲ୍ଲେଖ କରାଯାଇଛି ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 761/1957

ଆଇ.ଟି.ଆର. 48/X /1954 ରେ ପୂର୍ବତନ ବମ୍ବେ ଉଚ୍ଚ ନ୍ୟାୟାଳୟର 24 ଫେବୃଆରୀ, 1955 ର ରାୟ ତଥା ଆଦେଶରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ହରଦୟାଲ ହାର୍ଡି ଏବଂ ଡି. ଗୁପ୍ତା* ।

ପ୍ରତିବାଦୀଙ୍କ ପକ୍ଷରୁ *ଏନ୍. ଏ. ପାଲଖିୱାଲା ଏବଂ ଆଇ. ଏନ୍. ଶ୍ରଫ୍* ।

1960 । ନଭେମ୍ବର 17 । ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

*ଶାହା, ନ୍ୟାୟମୂର୍ତ୍ତି*

ଶାହ, ନ୍ୟାୟମୂର୍ତ୍ତି- ଆୟକର ଆବେଦନ ନ୍ୟାୟାଧିକରଣ, ବମ୍ବେ ଖଣ୍ଡପୀଠ "A", ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 66(1) ଅଧୀନରେ ସୂଚିତ- ଏହାପରେ ଅଧିନିୟମ ଭାବରେ ସୂଚିତ- ନିମ୍ନଲିଖିତ ପ୍ରଶ୍ନ:

"କମ୍ପାନୀ ଦ୍ୱାରା ଘୋଷିତ ଲାଭାଂଶଠାରୁ ଅଧିକ ଲାଭାଂଶ ପ୍ରଦାନ ଅଯୌକ୍ତିକ ହେବ କି ଏହା ସ୍ଥିର କରିବା ଉଦ୍ଦେଶ୍ୟାର୍ଥେ 15,608 ଟଙ୍କାର ରାଶିକୁ କରଦାତା କମ୍ପାନୀର "ଲାଭ" ରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ଥିଲା କି ନାହିଁ ।"

ଉଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନର ଉତ୍ତର ନକାରାତ୍ମକରେ ଦେଇଥିଲେ । ଉଚ୍ଚ ନ୍ୟାୟାଳୟର ଆଦେଶ ବିରୁଦ୍ଧରେ, ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ସ୍ୱତନ୍ତ୍ର ଅନୁମତି ସହିତ, ଏହି ଆବେଦନକୁ ଚୟନ କରାଯାଇଛି ।

ମେସର୍ସ ବିପିନଚନ୍ଦ୍ର ମଗନଲାଲ ଆଣ୍ଡ କମ୍ପାନୀ, ଲିମିଟେଡ଼- ଏହାପରେ କମ୍ପାନୀ ଭାବରେ ସୂଚିତ- ଭାରତୀୟ କମ୍ପାନୀ ଅଧିନିୟମ ଅଧୀନରେ ପଞ୍ଜୀକୃତ । ଏହି କମ୍ପାନୀ ଏପରି ଏକ ସଂସ୍ଥା ଅଟେ ଯେଉଁଥିରେ

1960

ଆୟକର ଆୟୁକ୍ତ, ବମ୍ବେ ସିଟି, ବମ୍ବେ
ବନାମ
ବିପିନଚନ୍ଦ୍ର  ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ

ଶାହା,  ନ୍ୟାୟମୂର୍ତ୍ତି

ଜନସାଧାରଣଙ୍କ ସ୍ୱାର୍ଥ ଅଧିନିୟମର ଧାରା 23A ବ୍ୟାଖ୍ୟାର ଅର୍ଥ ମଧ୍ୟରେ ପର୍ଯ୍ୟାପ୍ତ ଭାବେ ଜଡ଼ିତ ନଥିଲା । ଏହାର ପରିଶୋଧିତ ମୂଳଧନ ସେ' ସମୟରେ ଥିଲା 20, 800 ଟଙ୍କା ଯାହା ନିମ୍ନମତେ ଗଠିତ:

ପ୍ରତି ଅଂଶ ପିଛା 50 ଟଙ୍କା କରି 20 ଟି ଅଂଶ ସମ୍ପୂର୍ଣ୍ଣ ପରିଶୋଧ କରାଯାଇଛି ଏବଂ  50 ଟଙ୍କା କରି 1980 ଟି ଅଂଶ ପାଇଁ, ପ୍ରତି ଅଂଶ ପିଛା 10 ଟଙ୍କା କରି ପରିଶୋଧ କରାଯାଇଛି ।

ଡିସେମ୍ବର, 1945 ରେ କମ୍ପାନୀ କେତେକ ଯନ୍ତ୍ରପାତି 89, 000 ଟଙ୍କାରେ କିଣିଥିଲା ଏବଂ ମାର୍ଚ୍ଚ, 1947 ରେ କୌଣସି ଏକ ସମୟରେ ସେଗୁଡ଼ିକୁ ଯେଉଁ ମୂଲ୍ୟରେ ପ୍ରଥମେ କିଣାଯାଇଥିଲା ସେହି ସମ ମୂଲ୍ୟରେ ସେଗୁଡ଼ିକୁ ବିକ୍ରି କରାଯାଇଥିଲା । କମ୍ପାନୀର ହିସାବ ବହିରେ, ହିସାବ ବର୍ଷ 1946-47 (1 ଏପ୍ରିଲ, 1946 ରୁ 31 ମାର୍ଚ୍ଚ, 1947) ରେ ଯନ୍ତ୍ରପାତିର ଲିଖିତ ମୂଲ୍ୟ 73, 392 ଟଙ୍କା ଥିଲା । 1946-47 ବର୍ଷ ପାଇଁ ହିସାବ ବହି ଦ୍ୱାରା ପ୍ରକାଶିତ କମ୍ପାନୀର ବାଣିଜ୍ୟିକ ଲାଭ 33, 245 ଟଙ୍କା ଥିଲା । ତା 21 ଅକ୍ଟୋବର, 1947 ରିଖରେ ଅନୁଷ୍ଠିତ ସାଧାରଣ ବୈଠକରେ ହିସାବ ବର୍ଷ ପାଇଁ କମ୍ପାନୀ 12,000 ଟଙ୍କାର ଏକ ଲାଭାଂଶ ଘୋଷଣା କରିଥିଲା । ମୂଲ୍ୟାଙ୍କନ ବର୍ଷ 1947-48 ପାଇଁ କରମୂଲ୍ୟ ନିର୍ଦ୍ଧାରଣ ବେଳେ, ଆୟକର ଅଧିକାରୀ ହିସାବ ବର୍ଷ 1946-47 ପାଇଁ ମାର୍ଚ୍ଚ, 1947 ରେ ବିକ୍ରି ହୋଇଥିବା ଯନ୍ତ୍ରପାତିର ଲିଖିତ ମୂଲ୍ୟଠାରୁ ଅଧିକ 15,608 ଟଙ୍କା ଆଦାୟ ହୋଇଥିବା ରାଶି ସହ କମ୍ପାନୀ ଦ୍ୱାରା ଫେରସ୍ତ କରାଯାଇଥିବା 33,245 ଟଙ୍କାର ଲାଭକୁ ଯୋଗ କରିବା ପରେ, କମ୍ପାନୀର କରଯୋଗ୍ୟ ଆୟକୁ 48, 761 ଟଙ୍କା ଗଣନା କରିଥିଲେ । ଆୟକର ଅଧିକାରୀ ଏହି ଅଧିନିୟମର ଧାରା 23A ଅଧୀନରେ ଏକ ଆଦେଶ ପାରିତ କରିଥିଲେ ଯେ ଏହି ଅଧିନିୟମ ଅଧୀନରେ 15, 429 ଟଙ୍କା (ଦେୟଯୋଗ୍ୟ କର ଦ୍ୱାରା ହ୍ରାସ କରାଯାଇଥିବା କମ୍ପାନୀର କରଯୋଗ୍ୟ ଆୟର ଅବିତରିତ ଅଂଶ ହୋଇଥିବାରୁ) ସାଧାରଣ ବୈଠକ ତାରିଖ ଅନୁଯାୟୀ ଅଂଶୀଦାରମାନଙ୍କ ମଧ୍ୟରେ ଲାଭାଂଶ ଭାବରେ ବଣ୍ଟନ କରାଯାଇଥିବାର ବିବେଚନା କରାଯିବ ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ଆନୁପାତିକ ଅଂଶ ତାଙ୍କ ମୋଟ ଆୟରେ ଅନ୍ତର୍ଭୁକ୍ତ ହେବ । ତାଙ୍କ ଆଦେଶ ବିରୁଦ୍ଧରେ ଆବେଦନ ସହକାରୀ ଆୟୁକ୍ତ ଏବଂ ଆୟକର ଆବେଦନ ନ୍ୟାୟାଧିକରଣଙ୍କୁ କରାଯାଇଥିବା ଆବେଦନ ଅସଫଳ ପ୍ରମାଣିତ ହୋଇଥିଲା, କିନ୍ତୁ କମ୍ପାନୀର ଅନୁରୋଧକ୍ରମେ ଆବେଦନ ନ୍ୟାୟାଧିକରଣ ଅଧିନିୟମର ଧାରା 66(1) ଅଧୀନରେ ଏଠାରେ ଉପସ୍ଥାପିତ ପ୍ରଶ୍ନକୁ ବମ୍ବେ ଉଚ୍ଚ ନ୍ୟାୟାଳୟକୁ ପଠାଇଥିଲେ ।

ଏହି ଅଧିନିୟମର ଧାରା 23A(1), ଯେ'ପରି ପ୍ରାସଙ୍ଗିକ ସମୟରେ ରହିଥିଲା (ଯେତେଦୂର ପର୍ଯ୍ୟନ୍ତ ଏହା ତଥ୍ୟ ହିସାବରେ), ତାହା ନିମ୍ନମତେ ଥିଲା:-

*1960*

*ଆୟକର ଆୟୁକ୍ତ, ବମ୍ବେ ସିଟି, ବମ୍ବେ*
*ବନାମ*
*ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ*

*ଶାହା, ନ୍ୟାୟମୂର୍ତ୍ତି*

" ଯେଉଁଠାରେ ଆୟକର ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି ଯେ କୌଣସି ପୂର୍ବ ବର୍ଷ ସମ୍ପର୍କରେ, ସାଧାରଣ ବୈଠକରେ କମ୍ପାନୀ ସମ୍ମୁଖରେ ଏହାର ହିସାବ ରଖାଯିବା ପରେ, ଷଷ୍ଠ ମାସ ଶେଷ ସୁଦ୍ଧା କୌଣସି କମ୍ପାନୀ ଦ୍ୱାରା, ଲାଭାଂଶ ଭାବେ ବଣ୍ଟନ କରାଯାଇଥିବା ଲାଭ ଏବଂ ପ୍ରାପ୍ତି ସେହି ପୂର୍ବ ବର୍ଷର ଯାହା ସେହି ପୂର୍ବ ବର୍ଷର କମ୍ପାନୀର କରଯୋଗ୍ୟ ଆୟର 60 ପ୍ରତିଶତରୁ କମ୍, ଯାହା କମ୍ପାନୀ ଦ୍ୱାରା ଦେୟ ହେଉଥିବା ଆୟକର ଏବଂ ଅତିରିକ୍ତ କର ପରିମାଣ ଦ୍ୱାରା ହ୍ରାସ କରାଯାଇଛି, ଯଦି ସେ, ପୂର୍ବ ବର୍ଷଗୁଡ଼ିକରେ କମ୍ପାନୀ ଦ୍ୱାରା ହୋଇଥିବା କ୍ଷତି କିମ୍ବା ଲାଭର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି, ସନ୍ତୁଷ୍ଟ ନ ହୁଅନ୍ତି ଯେ ଘୋଷିତ ଲାଭାଂଶ କିମ୍ବା ତା'ଠାରୁ ଅଧିକ ଲାଭାଂଶ ପ୍ରଦାନ ଅଯୌକ୍ତିକ ହେବ, ତେବେ ସେ ଯାଞ୍ଚକାରୀ ସହକାରୀ ଆୟୁକ୍ତ ପୂର୍ବ ଅନୁମୋଦନ ସହିତ ଲିଖିତ ଆଦେଶ ଦିଅନ୍ତୁ ଯେ ସେହି ପୂର୍ବ ବର୍ଷର କମ୍ପାନୀର କରଯୋଗ୍ୟ ଆୟର ଅବିତରିତ ଅଂଶ ଯାହା ଆୟକର ଉଦ୍ଦେଶ୍ୟରେ ଗଣନା କରାଯାଇଥିଲା ଏବଂ କମ୍ପାନୀ ଦ୍ୱାରା ଦେୟ ହେଉଥିବା ଆୟକର ଏବଂ ଅତିରିକ୍ତ କର ପରିମାଣ ଦ୍ୱାରା ହ୍ରାସ କରାଯାଇଥିଲା, ତାହା ଉପରୋକ୍ତ ସାଧାରଣ ବୈଠକ ତାରିଖରେ ଅଂଶୀଦାରମାନଙ୍କ ମଧ୍ୟରେ ଲାଭାଂଶ ଭାବରେ ବଣ୍ଟନ କରାଯାଇଛି ବୋଲି ଧରାଯିବ,..............................."

ସ୍ପଷ୍ଟତଃ, ଧାରା 23A ଅଧୀନରେ, ଆୟକର ଅଧିକାରୀଙ୍କୁ ଏକ ଆଦେଶ ପାରିତ କରିବାକୁ ପଡ଼ିବ, ଯେଉଁଥିରେ ନିର୍ଦ୍ଦେଶ ଦିଆଯିବ ଯେ କୌଣସି କମ୍ପାନୀର (ଯେଉଁଥିରେ ଜନସାଧାରଣଙ୍କ ସ୍ୱାର୍ଥ ପର୍ଯ୍ୟାପ୍ତ ଭାବେ ଜଡ଼ିତ ନାହିଁ) କରଯୋଗ୍ୟ ଆୟର ଅବିତରିତ ଅଂଶକୁ ଅଂଶୀଦାରମାନଙ୍କ ମଧ୍ୟରେ ଲାଭାଂଶ ଭାବେ ବଣ୍ଟନ କରାଯାଇଛି ବୋଲି ବିବେଚନା କରାଯିବ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ, (i) ଦେୟଯୋଗ୍ୟ ଆୟକର ଏବଂ ଅତିରିକ୍ତ କର ଦ୍ୱାରା ହ୍ରାସ କରି କମ୍ପାନୀ ପୂର୍ବ ବର୍ଷର କରଯୋଗ୍ୟ ଆୟର 60 ପ୍ରତିଶତ ବଣ୍ଟନ କରିନାହିଁ (ii) ନତୁବା (a) ପୂର୍ବ ବର୍ଷଗୁଡ଼ିକରେ କମ୍ପାନୀ ଦ୍ୱାରା ହୋଇଥିବା କ୍ଷତି କିମ୍ବା (b) ପୂର୍ବ ବର୍ଷରେ ହୋଇଥିବା ଲାଭର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି, ଲାଭାଂଶ କିମ୍ବା ଘୋଷିତ ଲାଭାଂଶ ଠାରୁ ଅଧିକ ଲାଭାଂଶ ପ୍ରଦାନ, ଅଯୌକ୍ତିକ ନୁହେଁ । ହିସାବ ବର୍ଷ ପାଇଁ କମ୍ପାନୀର ମୋଟ କରଯୋଗ୍ୟ ଆୟ ଥିଲା 48, 761 ଟଙ୍କା ଏବଂ ଏହା ଉପରେ ଦେବାକୁ ଥିବା କର ଥିଲା 21, 332 ଟଙ୍କା: 27, 249 ଟଙ୍କାର 60%, (ଆୟକର ଏବଂ ଅତିରିକ୍ତ କର ବକେୟା ଦ୍ୱାରା ହ୍ରାସକୃତ କରଯୋଗ୍ୟ ଆୟ) 4, 458 ଟଙ୍କା, ଘୋଷିତ ଲାଭାଂଶଠାରୁ ଅଧିକ ଥିଲା । ତେଣୁ ଧାରା 23A ଅଧୀନରେ ଆୟକର ଅଧିକାରୀଙ୍କ ଦ୍ୱାରା କ୍ଷେତ୍ରାଧିକାର ପ୍ରୟୋଗ କରିବାର ପ୍ରଥମ ସର୍ତ୍ତ ନିର୍ବିବାଦ ଭାବେ ପୂରଣ କରାଯାଇଥିଲା । କିନ୍ତୁ ଆୟକର ଅଧିକାରୀଙ୍କୁ ତଥାପି ଲାଭର ସ୍ୱଳ୍ପତା ସମ୍ପର୍କରେ (ଏହି ମାମଲାରେ କୌଣସି ପ୍ରମାଣ ନାହିଁ ଯେ ପୂର୍ବ ବର୍ଷଗୁଡ଼ିକରେ କମ୍ପାନୀ ଦ୍ୱାରା କ୍ଷତି ହୋଇଥିଲା) ସନ୍ତୁଷ୍ଟ ହେବାକୁ ଥିଲା, ପ୍ରକୃତରେ ଘୋଷିତ

ଲାଭାଂଶଠାରୁ ଅଧିକ ଲାଭାଂଶ ବଣ୍ଟନ କରିବା ଅଯୌକ୍ତିକ ହେବ । ଆୟକର ଅଧିକାରୀ ଏହି ପ୍ରଶ୍ନକୁ ସ୍ପଷ୍ଟ ଭାବରେ ବିଚାର କରିନଥିଲେ: କମ୍ପାନୀ ଦ୍ୱାରା ଉଠାଯାଇଥିବା ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିବା ଉପରେ ସେ ତାଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରିଥିଲେ ଯେ ଧାରା 23A ଅଧୀନରେ ଏକ ଆଦେଶ ପାରିତ କରିବାରେ ବିକ୍ରୟ ଦ୍ୱାରା ଆଦାୟ ହୋଇଥିବା ଯନ୍ତ୍ରପାତିର ମୂଲ୍ୟ ଏବଂ ହିସାବ ବର୍ଷରେ ଲିଖିତ ମୂଲ୍ୟ ମଧ୍ୟରେ ପାର୍ଥକ୍ୟକୁ ଧ୍ୟାନରେ ରଖାଯାଇପାରିବ ନାହିଁ । ସେ ଅନୁମାନ କରିଥିଲେ ଯେ ଯଦି ସେହି ପାର୍ଥକ୍ୟକୁ ଧ୍ୟାନରେ ରଖାଯାଏ, ତେବେ ଅଧିକ ଲାଭାଂଶ ବଣ୍ଟନ ଅଯୌକ୍ତିକ ନୁହେଁ, ଏବଂ ନ୍ୟାୟାଧିକରଣ ଏହି ଆଧାରରେ ଅଗ୍ରସର ହୋଇଥିଲେ ଯେ ଉକ୍ତ ଅନୁମାନଟି ସଠିକ୍ ଭାବରେ କରାଯାଇଥିଲା ।

1960

ଆୟକର ଆୟୁକ୍ତ, ବମ୍ବେ ସିଟି, ବମ୍ବେ
ବନାମ
ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ

ଶାହା, ନ୍ୟାୟମୂର୍ତ୍ତି

ରାଜସ୍ୱ ପକ୍ଷର ଓକିଲ ଏହି ଆବେଦନକୁ ସମର୍ଥନ କରି ଉପସ୍ଥାପନ କରିଛନ୍ତି ଯେ "ଲାଭର ସ୍ୱଳ୍ପତା" ଅଭିବ୍ୟକ୍ତିର ଅର୍ଥ କରଯୋଗ୍ୟ ଆୟର ସ୍ୱଳ୍ପତାଠାରୁ ଅଧିକ କିଛି ନୁହେଁ, ଏବଂ ଯେ କୌଣସି ପରିସ୍ଥିତିରେ, ଲାଭର ଗଣନାରେ, ହିସାବ ବର୍ଷରେ "ଲାଭର ସ୍ୱଳ୍ପତା" ସମ୍ବନ୍ଧୀୟ ସର୍ତ୍ତ ପୂରଣ ହୋଇଛି କି ନାହିଁ ବିଚାର କରିବାକୁ ଯନ୍ତ୍ରପାତି ବିକ୍ରୟ ଦ୍ୱାରା ଏହାର ଲିଖିତ ମୂଲ୍ୟରୁ ଅଧିକ ଆଦାୟ ହୋଇଥିବା ପରିମାଣ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଦାୟବଦ୍ଧତା ଥିଲା ।

ବାସ୍ତବ ସମୟରେ, ଧାରା 10 ର ଉପ-ଧାରା (2) ର ଖଣ୍ଡ (vii) ର ଦ୍ୱିତୀୟ ସର୍ତ୍ତାବଳୀ ଅଧୀନରେ ଲାଭ ବୋଲି ବିବେଚନା କରାଯାଉଥିବା ଯେ କୌଣସି ଅନ୍ୟାନ୍ୟ ଧନରାଶି ମଧ୍ୟରେ ଅଧିନିୟମର ଧାରା 2(6C) "ଆୟ" ଅନ୍ତର୍ଭୂକ୍ତ ବୋଲି ପରିଭାଷିତ କରିଥିଲା । ଧାରା 10 ଦ୍ୱାରା, ଜଣେ କରଦାତାଙ୍କ "ବ୍ୟବସାୟ, ବୃତ୍ତି କିମ୍ବା ଧନ୍ଦାର ଲାଭ ଏବଂ ପ୍ରାପ୍ତି" ଶୀର୍ଷକ ଅଧୀନରେ ଲାଭ କିମ୍ବା ପ୍ରାପ୍ତିର ଗଣନାରେ, କୌଣସି କୋଠା, ଯନ୍ତ୍ରପାତି କିମ୍ବା ପ୍ଲାଣ୍ଟ, ଯାହା ବିକ୍ରି ହୋଇଛି, ପରିତ୍ୟାଗ କରାଯାଇଛି କିମ୍ବା ଭାଙ୍ଗି ଦିଆଯାଇଛି କିମ୍ବା ନଷ୍ଟ ହୋଇଛି, ତା'ର ଲିଖିତ ମୂଲ୍ୟ ସେହି ପରିମାଣଠାରୁ ଅଧିକ ଯେଉଁ ମୂଲ୍ୟରେ କୋଠା, ଯନ୍ତ୍ରପାତି କିମ୍ବା ପ୍ଲାଣ୍ଟ ପ୍ରକୃତରେ ବିକ୍ରି ହୋଇଛି କିମ୍ବା ଏହାର ରଦ୍ଦି ମୂଲ୍ୟକୁ ଛାଡ଼ ଭାବରେ ଅନୁମତି ଦିଆଯାଇଛି । ତେବେ ସେ ଯାହା ହେଉ ଏହି ଭତ୍ତା ଧାରା 10 ର ଉପ-ଧାରା (2) ଖଣ୍ଡ (vii) ର ଦ୍ୱିତୀୟ ପ୍ରାବଧାନ ଦ୍ୱାରା ନିର୍ଦ୍ଧାରିତ ଏକ ବ୍ୟତିକ୍ରମର ସାପେକ୍ଷରେ ଅଛି, ଯେ ଯେଉଁ ଅର୍ଥରାଶିରେ କୌଣସି କୋଠା, ଯନ୍ତ୍ରପାତି କିମ୍ବା କାରଖାନା ବିକ୍ରି ହୁଏ, ତାହା ଲିଖିତ ମୂଲ୍ୟଠାରୁ ଅଧିକ ହେଲେ, ମୂଳ ମୂଲ୍ୟ ଏବଂ ଲିଖିତ ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟଠାରୁ ଯେତେ ଅଧିକ ନୁହେଁ, ସେତେ ଅଧିକ ଅର୍ଥ ପୂର୍ବ ବର୍ଷର ଲାଭ ବୋଲି ବିବେଚନା କରାଯିବ ଯେଉଁ ବର୍ଷରେ ବିକ୍ରୟ ହୋଇଥିଲା । ଅଧିନିୟମର ଧାରା 10 ଅଧୀନରେ

*1960*

*ଆୟକର ଆୟୁକ୍ତ,ବମ୍ବେ ସିଟି, ବମ୍ବେ ବନାମ ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ*

*ଶାହା, ନ୍ୟାୟମୂର୍ତ୍ତି*

କମ୍ପାନୀର ଲାଭ ଏବଂ ପ୍ରାପ୍ତି ଗଣନା କରିବାରେ, କରଯୋଗ୍ୟ ଆୟର ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ, ହିସାବ ବର୍ଷରେ ଯନ୍ତ୍ରପାତିର ଲିଖିତ ମୂଲ୍ୟରେ ପାର୍ଥକ୍ୟ ଏବଂ ଯେଉଁ ମୂଲ୍ୟରେ ଏହାକୁ ବିକ୍ରି କରାଯାଇଥିଲା (ମୂଳ ମୂଲ୍ୟଠାରୁ ଅଧିକ ମୂଲ୍ୟ ହୋଇନଥିବା) ତାହା ହିସାବ ବର୍ଷରେ ଲାଭ ବୋଲି ବିବେଚନା କରାଯିବାର ଥିଲା, ଏବଂ ଏପରି ଲାଭ ହୋଇଥିବାରୁ, ଏହା ମୂଲ୍ୟାଙ୍କନ ବର୍ଷରେ କରଯୋଗ୍ୟ ଆୟରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଇନ ଅନୁଯାୟୀ ବାଧିତ ଥିଲା । କିନ୍ତୁ ଏହା ଏହି ଅଧିନିୟମ ଦ୍ୱାରା ପ୍ରବର୍ତ୍ତିତ ଏକ କଳ୍ପନାର ପରିଣାମ । ପ୍ରକୃତପକ୍ଷରେ ଯାହା ଏକ ମୂଳଧନ ଫେରସ୍ତ, ଯାହା ଏକ କଳ୍ପନା ଦ୍ୱାରା ଅଧିନିୟମର ଉଦ୍ଦେଶ୍ୟ ପାଇଁ ଆୟ ଭାବରେ ବିବେଚିତ । ଯେହେତୁ ଆଦାୟ କରାଯାଇଥିବା ମୂଲ୍ୟ ଏବଂ ଲିଖିତ ମୂଲ୍ୟ ମଧ୍ୟରେ ଥିବା ଏହି ପାର୍ଥକ୍ୟକୁ ଆୟକର ପାଇଁ ଲାଗୁ କରାଯାଇଥାଏ, ତେଣୁ ଏହାର ଚରିତ୍ରରେ କୌଣସି ପରିବର୍ତ୍ତନ ହୋଇନଥାଏ ଏବଂ ଏହା କରଦାତାଙ୍କ ବ୍ୟବସାୟିକ ଲାଭରେ ରୂପାନ୍ତରିତ ହୋଇନଥାଏ । ଏହା କରଦାତାଙ୍କ ପାଖରେ ଲାଭ ଭାବେ ପହଞ୍ଚି ନଥାଏ: ଧାରା 10(2) (vii) ଦ୍ୱିତୀୟ ସର୍ତ୍ତାବଳୀ ସତ୍ତ୍ୱେ, ତାଙ୍କ ଦ୍ୱାରା ନିବେଶ କରାଯାଇଥିବା ମୂଳଧନର ଅଂଶବିଶେଷ ଭାବେ ଏହା ତାଙ୍କ ପାଖରେ ପହଞ୍ଚିଥାଏ । ଏହା ଏହି କଳ୍ପନାର ପ୍ରବର୍ତ୍ତିତ ହେବାର କାରଣ ବୋଲି ପ୍ରତୀୟମାନ ଅଟେ, ଯେଉଁଠାରେ ପୂର୍ବ ବର୍ଷଗୁଡ଼ିକରେ, ମୂଲ୍ୟହ୍ରାସ ଭତ୍ତା ଦ୍ୱାରା, ସେହି ବର୍ଷଗୁଡ଼ିକ ପାଇଁ କରଯୋଗ୍ୟ ଆୟ ହ୍ରାସ କରାହୁଏ ଏବଂ ଶେଷରେ ସମ୍ପତ୍ତି ବିକ୍ରୟ ଉପରେ ଲିଖିତ ମୂଲ୍ୟରୁ ଅଧିକ ପରିମାଣର ଅର୍ଥ ଆଣିଥାଏ, ଅର୍ଥାତ୍ ମୂଳମୂଲ୍ୟ ଶୂନ୍ୟ ମୂଲ୍ୟହ୍ରାସ ଭତ୍ତା, ରାଜସ୍ୱ କ୍ଷତି ବିରୁଦ୍ଧରେ କ୍ଷତିପୂରଣରେ ଯାହା ଅନୁମତି ଦେଇଥିଲା ତାହା ଫେରାଇ ନେବା ନ୍ୟାୟସଙ୍ଗତ, କାରଣ ବାସ୍ତବରେ ମୂଲ୍ୟହ୍ରାସ ଫଳପ୍ରଦ ହୋଇନଥିଲା । କିନ୍ତୁ ଏହି ନିୟମର କାରଣ ପ୍ରାପ୍ତିର ପ୍ରକୃତ ଚରିତ୍ରକୁ ପରିବର୍ତ୍ତନ କରେ ନାହିଁ । ପୁଣି, ଏହା ଅନେକ ବର୍ଷ ମଧ୍ୟରେ ସଞ୍ଚିତ ମୂଲ୍ୟ ହ୍ରାସ ଅଟେ, ଯାହାକୁ ସେହି ବର୍ଷର ଆୟ ଭାବେ ବିବେଚନା କରାଯାଏ, ଯେଉଁ ବର୍ଷରେ ସମ୍ପତ୍ତି ବିକ୍ରି ହୋଇଥାଏ । କୌଣସି ସମ୍ପତ୍ତିର ଲିଖିତ ମୂଲ୍ୟ ଏବଂ ବିକ୍ରୟ ଦ୍ୱାରା ଅର୍ଜିତ ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟ, ଯଦିଓ ଏହା କରଦାତାର ବ୍ୟବସାୟ ପରିଚାଳନାରେ ଅର୍ଜିତ ଲାଭ ନୁହେଁ, ତାହାକୁ ପୂର୍ବ ବର୍ଷଗୁଡ଼ିକରେ ଯାହା ଅନୁମୋଦିତ ତାହା ଫେରାଇ ନେବା ଉଦ୍ଦେଶ୍ୟରେ, ଆନୁମାନିକ ଭାବେ ପରିସମ୍ପତ୍ତି ବିକ୍ରି ହୋଇଥିବା ବର୍ଷର ଲାଭ ରୂପେ ବିବେଚନା କରାଯାଏ ।

ଏକ କମ୍ପାନୀ ସାଧାରଣତଃ ଏହାର କରଯୋଗ୍ୟ ଆୟରୁ ନୁହେଁ ବରଂ ଏହାର ବ୍ୟବସାୟିକ ଲାଭରୁ ଲାଭାଂଶ ବଣ୍ଟନ କରିଥାଏ । ବ୍ୟବସାୟିକ ଦୃଷ୍ଟିରୁ କରଯୋଗ୍ୟ ଆୟ ଏବଂ ଏକ ବ୍ୟବସାୟିକ ସଂସ୍ଥାର ଲାଭ ମଧ୍ୟରେ କୌଣସି ସଂଜ୍ଞାଯୋଗ୍ୟ ସମ୍ପର୍କ ନାହିଁ । ଆୟକର ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ ଆୟର ଗଣନା ବିଭିନ୍ନ କୃତ୍ରିମ

1960

ଆୟକର ଆୟୁକ୍ତ, ବମ୍ବେ ସିଟି, ବମ୍ବେ
ବନାମ
ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ

ଶାହା, ନ୍ୟାୟମୂର୍ତ୍ତି

ନିୟମ ଉପରେ ଆଧାରିତ ଏବଂ ଅନେକ କାଳ୍ପନିକ ପ୍ରାପ୍ତି, ଛାଡ଼ ଏବଂ ଭତ୍ତାକୁ ଧ୍ୟାନରେ ନେଇଥାଏ । ଲାଭାଂଶର ଏକ ବୃହତ ବଣ୍ଟନ ଅଯୌକ୍ତିକ ହେବ କି ନାହିଁ ତାହା ବିଚାର କରିବା ସମୟରେ, ଯେଉଁ ଉତ୍ସରୁ ଲାଭାଂଶ ବଣ୍ଟନ କରାଯିବ ଏବଂ କରଯୋଗ୍ୟ ଆୟକୁ ନୁହେଁ ତା'କୁ ଧ୍ୟାନରେ ନେବାକୁ ପଡିବ । ବିଧାନ ମଣ୍ଡଳ ଧାରା 23A ରେ ବ୍ୟବସ୍ଥା କରିନାହିଁ ଯେ ବଣ୍ଟନ ହୋଇନଥିବା ଲାଭ ବଣ୍ଟନ ବୋଲି ବିବେଚନା କରାଯିବ କି ନାହିଁ ତାହା ବିଚାର ଆଦେଶ ସମୟରେ, କରଯୋଗ୍ୟ ଆୟର ସ୍ୱଳ୍ପତାକୁ ଧ୍ୟାନରେ ରଖାଯିବ । ଅଧିକ ଲାଭାଂଶ ବଣ୍ଟନ କରିବା ଅଯୌକ୍ତିକ ହେବ କି ନାହିଁ, ଏହି ପରୀକ୍ଷଣକୁ ସେହି ବର୍ଷର ଲାଭକୁ ଦୃଷ୍ଟିରେ ରଖି ବିଚାର କରିବାକୁ ପଡ଼ିବ । ଯଦିଓ ଏକ କମ୍ପାନୀର କରଯୋଗ୍ୟ ଆୟ ଅଧିକ ହୋଇପାରେ, ବାଣିଜ୍ୟିକ ଲାଭ ଏତେ ସ୍ୱଳ୍ପ ହୋଇପାରେ ଯେ ଦେୟଯୋଗ୍ୟ କର ଦ୍ୱାରା ହ୍ରାସ କରାଯାଇଥିବା କରଯୋଗ୍ୟ ଆୟର ଅବଶିଷ୍ଟାଂଶ ଏବଂ ଲାଭାଂଶ ଭାବରେ ବଣ୍ଟନ ହୋଇଥିବା ରାଶି ମଧ୍ୟରେ ଥିବା ପାର୍ଥକ୍ୟକୁ ବାଧ୍ୟତାମୂଳକ ବଣ୍ଟନ କରିବା ପାଇଁ କମ୍ପାନୀକୁ ଏହାର ସଞ୍ଚୟ ଉପରେ କିମ୍ବା ଏହାର ମୂଳଧନ ଉପରେ ନିର୍ଭର କରିବାକୁ ପଡିବ ଯାହା ଆଇନତଃ ଏହା କରିପାରିବ ନାହିଁ । ଉଦାହରଣ ସ୍ୱରୂପ, ସମ୍ପତ୍ତିରୁ ଆୟ ପାଉଥିବା କମ୍ପାନୀଗୁଡ଼ିକ କ୍ଷେତ୍ରରେ, ଯଦିଓ ସମ୍ପତ୍ତିର ଯଥାର୍ଥ ବାର୍ଷିକ ମୂଲ୍ୟ ଉପରେ ଧାରା 9 ଅଧୀନରେ କର ଲାଗୁ କରାଯାଇଥାଏ, ପ୍ରକୃତ ପ୍ରାପ୍ତିଗୁଡ଼ିକ ବାର୍ଷିକ ମୂଲ୍ୟଠାରୁ ଯଥେଷ୍ଟ କମ୍ ହୋଇପାରେ ଏବଂ ଯଦି ଯୁକ୍ତିସଙ୍ଗତତାର ପରୀକ୍ଷା କରଯୋଗ୍ୟ ଆୟର ପରିମାଣ ଅଟେ ଏବଂ ବାଣିଜ୍ୟିକ ଲାଭ ନୁହେଁ, ତେବେ ବାରମ୍ବାର ଏପରି ମାମଲା ଉତ୍ପନ୍ନ ହୋଇପାରେ ଯେଉଁଥିରେ କମ୍ପାନୀମାନଙ୍କୁ ସେମାନଙ୍କର ଆୟ ଉତ୍ପାଦନକାରୀ ସମ୍ପତ୍ତି ବିକ୍ରି କରିବାକୁ ପଡ଼ିପାରେ । ବିଧାନ ମଣ୍ଡଳ ଜାଣିଶୁଣି "ଲାଭର ସ୍ୱଳ୍ପତା" ଅଭିବ୍ୟକ୍ତି ବ୍ୟବହାର କରିଛି ଏବଂ "କରଯୋଗ୍ୟ ଆୟର ସ୍ୱଳ୍ପତା" ନୁହେଁ ଏବଂ ଏହି ସନ୍ଦର୍ଭରେ ଏପରି କିଛି ନାହିଁ ଯେଉଁଥିରେ "ଲାଭର ସ୍ୱଳ୍ପତା" ଅଭିବ୍ୟକ୍ତି ଘଟେ ଯାହା "କରଯୋଗ୍ୟ ଆୟ" ସହିତ "ଲାଭ" ଅଭିବ୍ୟକ୍ତିର ସମୀକରଣକୁ ଯଥାର୍ଥ ସାବ୍ୟସ୍ତ କରେ । ଧାରା 23-A ରେ ଲାଭର ସ୍ୱଳ୍ପତାକୁ ବାଣିଜ୍ୟିକ ନୀତି ଆଧାରରେ ବିଚାର କରିବାକୁ ପଡିବ, ମୋଟ ପ୍ରାପ୍ତି ଆଧାରରେ ନୁହେଁ, ବାସ୍ତବ କିମ୍ବା ଅବାସ୍ତବରେ । ଏହି ଦୃଷ୍ଟିଭଙ୍ଗୀ ଭାରତର ଉଚ୍ଚ ନ୍ୟାୟାଳୟଗୁଡ଼ିକ କୌଣସି ଭିନ୍ନ ମତ ବିନା ଗ୍ରହଣ କରିଥିବା ପରି ମନେହୁଏ, *ସାର୍ କସ୍ତୁରଚାନ୍ଦ ଲିମିଟେଡ୍* ବନାମ *ଆୟକର କମିଶନର, ବମ୍ବେ ସିଟି*([1]), *ଏଜ୍ରା ପ୍ରୋପ୍ରାଇଟାରୀ ଇଷ୍ଟେଟ୍ସ ଲିମିଟେଡ୍* ବନାମ *ଆୟକର ଆୟୁକ୍ତ, ପଶ୍ଚିମବଙ୍ଗ*([2]) ଏବଂ *ଆୟକର ଆୟୁକ୍ତ, ବମ୍ବେ ସିଟି* 1 ବନାମ *ଏଫ୍. ଏଲ୍. ସ୍ମିଥ୍ ଆଣ୍ଡ କୋ.*, (ବମ୍ବେ) ଲିମିଟେଡ୍([3]) ଦେଖନ୍ତୁ ।

[1] (1949) XVII ଆଇ.ଟି.ଆର. 493.

*1960*

*ଆୟକର ଆୟୁକ୍ତ,ବମ୍ବେ ସିଟି, ବମ୍ବେ ବନାମ ବିପିନଚନ୍ଦ୍ର ମଗନଲାଲ ଏବଂ କମ୍ପାନୀ ଲିମିଟେଡ୍, ବମ୍ବେ*

*ଶାହା, ନ୍ୟାୟମୂର୍ତ୍ତି*

ଧାରା 2 (6C) ସହିତ ପଠିତ ଧାରା 10 (2) (vii) ର ଦ୍ୱିତୀୟ ପ୍ରାବଧାନର ପରିକଳ୍ପନା ଦ୍ୱାରା, ଯାହା ପ୍ରକୃତରେ ଆୟ ନୁହେଁ, ତାହା କରଯୋଗ୍ୟ ଆୟର ଗଣନା ଉଦ୍ଦେଶ୍ୟରେ କରଯୋଗ୍ୟ ଆୟ ଅଟେ: କିନ୍ତୁ ଏହି କାରଣରୁ, ଏହା ବାଣିଜ୍ୟିକ ଲାଭରେ ପରିଣତ ହୁଏ ନାହିଁ, ଏବଂ ଯଦି ଏହା ବାଣିଜ୍ୟିକ ଲାଭ ନୁହେଁ, ତେବେ ଲାଭର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି ଏକ ବୃହତ୍ତର ଲାଭାଂଶ ଅଯୌକ୍ତିକ ହେବ କି ନାହିଁ ତାହା ମୂଲ୍ୟାଙ୍କନ କରିବା ସମୟରେ ଏହା ବିଚାରକୁ ନିଆଯିବା ଉଚିତ ନୁହେଁ । ଆମ୍ଭ ରାୟରେ, ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେବାରେ ଠିକ୍ ଥିଲେ ଯେ କମ୍ପାନୀ ଦ୍ୱାରା କରାଯାଇଥିବା ଲାଭର ସ୍ୱଳ୍ପତାର ଦୃଷ୍ଟିରେ, ଏକ ବୃହତ୍ତର ଲାଭାଂଶ ଘୋଷଣା କରିବା ଅଯୌକ୍ତିକ ହେବ କି ତାହା ବିଚାର କରିବା ପାଇଁ 15,608 ଟଙ୍କାର ପରିମାଣ ବିବେଚନାରେ ନେବା ଆଇନାନୁଯାୟୀ ବାଧ୍ୟ ନଥିଲା ।

ତେଣୁ ଆବେଦନ ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ କରାଯାଉଛି ।

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

[2] (1950) XVIII ଆଇ.ଟି.ଆର. 762.

[3] (1959) XXXV ଆଇ.ଟି.ଆର. 183.